# NATIONAL NEWS BULLETIN (ODIA)

**4 October - 2024**

**Morning Bulletin : 7.15 a.m.**

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ହେବାକୁ ଥିବା କୌଟିଲ୍ୟ ଆର୍ଥିକ ସମ୍ମିଳନୀକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି – ୧୧ ଲକ୍ଷରୁ ଅଧିକ ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ ।
- ପାଞ୍ଚୋଟି ଭାରତୀୟ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ।

– ଆସନ୍ତାକାଲି ମତଦାନ କରିବେ ୨ କୋଟି ୩ଲକ୍ଷରୁ ଅଧିକ ମତଦାତା ।

ଏବଂ

- ଆଇ.ସି.ସି. ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ୍ ଏବଂ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ।

## ପ୍ରଧାନମନ୍ତ୍ରୀ-ଆର୍ଥିକ ସମ୍ମିଳନୀ

ନୂଆଦିଲ୍ଲୀରେ ଆଜି ହେବାକୁ ଥିବା କୌଟିଲ୍ୟ ଆର୍ଥିକ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧନ କରିବେ । ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ କୌଟିଲ୍ୟ ଅର୍ଥନୀତି ଆର୍ଥିକ ସମ୍ମିଳନୀର ତୃତୀୟ ସଂକଳନ ଅନୁଷ୍ଠିତ ହେବ । ଚଳିତବର୍ଷ ସମ୍ମିଳନୀରେ ସବୁଜ ପରିବର୍ତ୍ତନ ଦିଗରେ ଅର୍ଥନୀତି ଏବଂ ଭୁ-ଆର୍ଥିକ ଓ ବିକାଶ ସମ୍ପର୍କିତ ବିଷୟ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ଭାରତ ତଥା ବିଦେଶର ବିଶେଷଜ୍ଞମାନେ ତଥା ନୀତି ନିର୍ଦ୍ଧାରକମାନେ ଭାରତୀୟ ଅର୍ଥ ବ୍ୟବସ୍ଥା କ୍ଷେତ୍ରରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ବିଶ୍ୱର କୋଣ ଅନୁକୋଣରୁ ବକ୍ତାମାନେ ଏହି ସମ୍ମିଳନୀରେ ଭାଗନେବେ ।

## ମନ୍ତ୍ରିମଣ୍ଡଳ-ବୋନସ

କେନ୍ଦ୍ର କ୍ୟାବିନେଟ୍ ୧୧ ଲକ୍ଷ ୭୨ ହଜାରରୁ ଅଧିକ ରେଳ କର୍ମଚାରୀଙ୍କ ୭୮ ଦିନର ଉତ୍ପାଦକତା ଭିତ୍ତିକ ବୋନସ ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି । ଏଥିଲାଗି ୨ହଜାର ୨୯ କୋଟି ଟଙ୍କା ଖର୍ଚ୍ଚ ହେବ । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ନୂଆଦିଲ୍ଲୀରେ କହିଛନ୍ତି, ବୋନସ ପ୍ରଦାନ ଫଳରେ ରେଳ କର୍ମଚାରୀମାନେ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ

ପ୍ରେରଣା ପାଇବେ । ପ୍ରତ୍ୟେକ ବର୍ଷ ଦଶହରାରେ ରେଳ କର୍ମଚାରୀମାନଙ୍କୁ ବୋନସ ଦିଆଯାଇଥାଏ ।

ଏହାଛଡ଼ା ଦେଶର ପ୍ରମୁଖ ବନ୍ଦର ପ୍ରାଧିକରଣ ଏବଂ ଶ୍ରମିକ ବୋର୍ଡ୍‌ରେ କାର୍ଯ୍ୟ କରୁଥିବା ୨୦ ହଜାର ୭୦୪ ଜଣ କର୍ମଚାରୀଙ୍କ ପାଇଁ ସରକାର ୨୦୨୦-୨୧ରୁ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ସଂଶୋଧିତ ଉତ୍ପାଦକତା ଭିତ୍ତିକ ପୁରସ୍କାର ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଏଥିଲାଗି ୨୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ସମ୍ପୃକ୍ତ କର୍ମଚାରୀଙ୍କ ନିମନ୍ତେ ଅଧିକ ପ୍ରଭାବି ଢଙ୍ଗରେ କାର୍ଯ୍ୟ କରିବା ଲାଗି ପ୍ରେରଣା ଯୋଗାଇବ ।

## କ୍ୟାବିନେଟ୍-ଲାଙ୍ଗୁଏଜ୍

ପାଞ୍ଚଟି ଭାରତୀୟ ଭାଷାକୁ କେନ୍ଦ୍ର ସରକାର ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମରାଠୀ, ପାଲି, ପ୍ରାକୃତ, ଅସମିୟା ଏବଂ ବଙ୍ଗଳା ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଶାସ୍ତ୍ରୀୟ ଭାଷାଗୁଡ଼ିକ ଭାରତର ପ୍ରାଚୀନ ସାଂସ୍କୃତିକ ବିଭବର ସଂରକ୍ଷକ ଭାବେ କାର୍ଯ୍ୟ କରିଥାଏ ।

ମରାଠୀ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ

ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## କ୍ୟାବିନେଟ୍ ପିଏମ୍-ଆର୍.କେ.ଡି.ୱାଇ.

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ କୃଷି ଉନ୍ନତି ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଉଭୟ ଯୋଜନା ନିମନ୍ତେ ୧ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ । ପି.ଏମ୍. ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ନିମନ୍ତେ ୫୭ ହଜାର କୋଟି ଟଙ୍କାରୁ ଅଧିକ ଏବଂ କୃଷି ଉନ୍ନତି ଯୋଜନା ନିମନ୍ତେ ୪୪ ହଜାର ୨୪୬ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯିବ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହାଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି ପାଇବ ।

## ମନ୍ତ୍ରିମଣ୍ଡଳ-ଚେନ୍ନାଇ ମେଟ୍ରୋ

କେନ୍ଦ୍ର ମନ୍ତ୍ରିମଣ୍ଡଳ ଚେନ୍ନାଇ ମେଟ୍ରୋ ରେଳ ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ ଦେଇଛି । ଏହି ପର୍ଯ୍ୟାୟରେ ୧୧୯ କିଲୋମିଟର ମେଟ୍ରୋ ରେଳ ନିର୍ମାଣ କରାଯିବ । ଏଥିରେ ୧୨୮ଟି ଷ୍ଟେସନ୍ ରହିବ । ପ୍ରକଳ୍ପ ନିମନ୍ତେ ୬୩ ହଜାର ୨୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

୨୦୨୭ ସୁଦ୍ଧା ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପ ଶେଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଶେଷ ହେବା ପରେ ଚେନ୍ନାଇ ସହରରେ ୧୭୩ କିଲୋମିଟର ମେଟ୍ରୋ ରେଳ ନେଟ୍‌ୱାର୍କ କାର୍ଯ୍ୟକ୍ଷମ ହେବ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ସହରର ଭିତ୍ତିଭୂମି ବିକାଶ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟ ଗାନ୍ଧିନଗର ଠାରେ ଅନେକ ଗୁଡ଼ିଏ ପ୍ରକଳ୍ପର ଶୁଭାରମ୍ଭ କରିବେ । ଗାନ୍ଧିନଗରର ମନସା ସହରରେ ଶ୍ରୀ ଶାହା ୪୨୧ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ମହାତ୍ମା ମନ୍ଦିର ଠାରେ ଶ୍ରୀ ଶାହା ଏ.ଡି.ସି. ବ୍ୟାଙ୍କ୍‌ର ୧୦୦ତମ ବାର୍ଷିକୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ଏହାଛଡ଼ା ଅନ୍ୟ ଏକ ଡାକ୍ତରଖାନାର ଉଦ୍‌ଘାଟନ ସହ ସେ ଏକ ଜନସଭାକୁ ସମ୍ବୋଧନ କରିବେ ।

## ହରିଆଣା ନିର୍ବାଚନ

ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି । ୯୦ ଆସନ ବିଶିଷ୍ଟ ବିଧାନସଭା ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ । ଗୋଟିଏ ପର୍ଯ୍ୟାୟରେ ହେବାକୁ ଥିବା ମତଦାନରେ ୧ହଜାର ୩୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ୯୩୦ ଜଣ ପୁରୁଷ ଏବଂ ୧୦୧ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ହରିଆଣାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ୍ କହିଛନ୍ତି, ଚଳିତ ଥର ୪୬୪ ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ ।  ରାଜ୍ୟର ୨ କୋଟି ୩ଲକ୍ଷ ୫୪ ହଜାରରୁ ଅଧିକ ମତଦାତା ୨୦ ହଜାର ୬୩୨ଟି ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ କରିବେ ।

## ଜୟଶଙ୍କର-ଶ୍ରୀଲଙ୍କା

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଶ୍ରୀଲଙ୍କା ଗସ୍ତ କାଳରେ ସେଠାକାର ଶୀର୍ଷ ନେତୃତ୍ୱଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେଙ୍କ ଦାୟିତ୍ୱ ଗ୍ରହଣ ପରେ ଏହା ହେଉଛି ଭାରତର ଉଚ୍ଚସ୍ତରୀୟ ନେତୃମଣ୍ଡଳୀର ପ୍ରଥମ ଶ୍ରୀଲଙ୍କା ଗସ୍ତ । ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଡକ୍ଟର ଜୟଶଙ୍କର ଶ୍ରୀଲଙ୍କା ଗସ୍ତ କରୁଛନ୍ତି ବୋଲି  ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଶ୍ରୀଲଙ୍କାର ରାଷ୍ଟ୍ରପତି ଶ୍ରୀ

ଦିସାନାୟକେ ଏବଂ ପ୍ରଧାନମନ୍ତ୍ରୀ ଡକ୍ଟର ହାରିନି ଅମରସୁରିୟାଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ବିଜିଥା ହେରାଥ୍‌ଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । 'ପଡ଼ୋଶୀ ପ୍ରଥମେ' ନୀତି ଆଧାରରେ ଶ୍ରୀଲଙ୍କାର ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଡକ୍ଟର ଜୟଶଙ୍କର ଏହି ଗସ୍ତ କରୁଥିବା ଜଣାପଡ଼ିଛି ।

# କେରଳ-ବିଧାନସଭା

କେରଳ ବିଧାନସଭାର ଅଧିବେଶନ ଆଜି ଆରମ୍ଭ ହେବ । ବିଧାନସଭା ଅଧ୍ୟକ୍ଷ ଏ.ଏନ୍. ଶମସୀର କହିଛନ୍ତି, ଏହି ୯ ଦିନିଆ ଅଧିବେଶନ କାଳରେ ୭ଟି ବିଧେୟକ ଆଗତ ହେବ । ପ୍ରଥମ ଦିନ ଓ୍ୱାୟନାଡ୍ ଏବଂ କୋଜିକୋଡ୍ ଜିଲ୍ଲାରେ  ଭୂସ୍ଖଳନ ଯୋଗୁଁ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବ । ଅଧିବେଶନ କାଳରେ ୬ ଦିନ ସରକାରୀ କାର୍ଯ୍ୟ ଏବଂ ୨ ଦିନ ବେସରକାରୀ କାର୍ଯ୍ୟ ନିମନ୍ତେ ରଖାଯାଇଛି । ଅକ୍ଟୋବର ୧୮ରେ ଅଧିବେଶନ ଶେଷ ହେବ ।

# ତ୍ରିପକ୍ଷିୟ ବୁଝାମଣା

ଭାରତର ପାୱାରଗ୍ରୀଡ୍ ଜରିଆରେ ନେପାଳରୁ ବାଂଲାଦେଶକୁ ୪୦ ମେଗାୱାଟ୍ ବିଜୁଳିଶକ୍ତି ରପ୍ତାନୀ ନିମନ୍ତେ ଭାରତ, ନେପାଳ ଏବଂ ବାଂଲାଦେଶ ମଧ୍ୟରେ ଏକ ତ୍ରିପକ୍ଷିୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଗତକାଲି କାଠମାଣ୍ଡୁରେ ହୋଇଥିବା ଏହି ବୁଝାମଣା ଅନୁଯାୟୀ ନେପାଳ ପ୍ରଥମଥର ଲାଗି ବାଂଲାଦେଶକୁ ବିଜୁଳିଶକ୍ତି ବିକ୍ରୟ କରିବ । ଏହା ପୂର୍ବରୁ ନେପାଳ କେବଳ ଭାରତକୁ ବିଜୁଳିଶକ୍ତି ବିକ୍ରୟ କରୁଥିଲା ।

ବୁଝାମଣା ଅନୁଯାୟୀ ବାଂଲାଦେଶ ନେପାଳ ଠାରୁ ୪୦ ମେଗାୱାଟ୍ ବିଜୁଳିଶକ୍ତି କ୍ରୟ କରିବ । ନେପାଳର ବିଜୁଳିଶକ୍ତି ଭାରତୀୟ ପାୱାରଗ୍ରୀଡ୍ ମଧ୍ୟ ଦେଇ ବାଂଲାଦେଶରେ ପହଞ୍ଚିବ । ଏଥିରୁ ନେପାଳର ବିଦ୍ୟୁତ୍ ବିଭାଗ ୩୩୦ କୋଟି ଟଙ୍କା ଆୟ କରିବା ଅନୁମାନ କରାଯାଉଛି ।

# ଇସ୍ରାଏଲ୍-ଲେବାନନ

ଲେବାନନର ରାଜଧାନୀ ବେରୁଟ୍ ଉପରେ ଇସ୍ରାଏଲ୍ ରାତି ତମାମ ଆକ୍ରମଣ ଜାରି ରଖିଛି । ଏ ପର୍ଯ୍ୟନ୍ତ ଲେବାନନ ଉପରେ ହେଉଥିବା ଆକ୍ରମଣ ମଧ୍ୟରେ ଏହାକୁ ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଇଛି । ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଛି । ଲେବାନନ ସେନା ପକ୍ଷରୁ ଗତକାଲି ପ୍ରଥମଥର ଇସ୍ରାଏଲ୍ ସେନା ଉପରେ ଆକ୍ରମଣ କରାଯାଇଥିଲା । ଏଥିରେ ଲେବାନନର ୨

ଜଣ ସୈନିକଙ୍କ ମୃତ୍ୟୁ ଘଟିଛି । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନ୍‌ର ତୈଳ ଅଞ୍ଚଳ ଉପରେ ଇସ୍ରାଏଲ୍‌ର ସମ୍ଭାବ୍ୟ ଆକ୍ରମଣ ନେଇ ଆଲୋଚନା କରିଛନ୍ତି । ସେ ଇରାନ୍‌ର ପରମାଣୁ କେନ୍ଦ୍ର ଉପରେ କୌଣସି ପ୍ରକାର ଆକ୍ରମଣକୁ ବିରୋଧ କରିଛନ୍ତି ।

## ନେପାଳ-ବନ୍ୟା

ନେପାଳରେ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ୨୩୬କୁ ବୃଦ୍ଧି ପାଇଛି । ଇତିମଧ୍ୟରେ ପ୍ରଭାବିତ ହୋଇଥିବା ରାଜପଥଗୁଡ଼ିକ ମରାମତି କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୯ ଜଣ ଲୋକ ନିଖୋଜ ଥିବା ବେଳେ ୧୭୩ ଜଣ ଆହତ ହୋଇଛନ୍ତି । ଗତମାସ ୨୭ ଓ ୨୮ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବା ୩୪ଟି ରାଜପଥ ମଧ୍ୟରୁ ୫ଟି ଗମନାଗମନ ପାଇଁ  ମରାମତି କରାଯାଇଛି । ସମସ୍ତ ରାଜପଥର ମରାମତି ନିମନ୍ତେ ୨୨ କୋଟି ୪୦ଲକ୍ଷ ଡଲାର ଅର୍ଥ ଆବଶ୍ୟକ ହେବ ବୋଲି କୁହାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଏକ ପତ୍ର ଜରିଆରେ ନେପାଳର ଏଭଳି ପରିସ୍ଥିତି ସମୟରେ ଭାରତ ସହାୟତା ଯୋଗାଇଦେବା ଲାଗି ପ୍ରସ୍ତୁତ ଥିବା କହିଛନ୍ତି ।

# କ୍ରିକେଟ୍

ସଂଯୁକ୍ତ ଆରବ ଏମିରେଟ୍ସର ସାରଜା ଠାରେ ଆରମ୍ଭ ହୋଇଥିବା ଆଇ.ସି.ସି. ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ୧୬ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ଶ୍ରୀଲଙ୍କାକୁ ୩୧ ରନ୍‌ରେ ପରାସ୍ତ କରିଛି । ଆସନ୍ତା ରବିବାର ଦିନ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ଟିମ୍ ଭାଗ ନେଇଛନ୍ତି ।